# ଭାରତରେ ଯକ୍ଷ୍ମା ଏବଂ ଭିନ୍ନକ୍ଷମତା

## ମୌଳିକ ଦୃଷ୍ଟିକୋଣ

### ପରିଚୟ

ବିଶ୍ୱ ଯକ୍ଷ୍ମା ଭାରର ଏକ ଚତୁର୍ଥାଂଶ ଭାରତରେ ବୋଲି ଜଣାପଡ଼େ । ଯକ୍ଷ୍ମା ଏକ ଜଟିଳ ରୋଗ, ଯାହାର ନିଦାନ ସାମାଜିକ ଏବଂ ଆର୍ଥିକ ପରିଣାମ ସହିତ ଜଡ଼ିତ ଅଟେ, ଯାହା ଯକ୍ଷ୍ମା ରୋଗୀ ଏବଂ ସେମାନଙ୍କ ପରିବାର ଉପରେ ପ୍ରଭାବ ପକାଇଥାଏ । ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭିନ୍ନକ୍ଷମତା ।




ଯକ୍ଷ୍ମା ଏବଂ ଭିନ୍ନକ୍ଷମତା ମଧ୍ୟରେ ଅନ୍ତଃସମ୍ବନ୍ଧ । ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେବା ପୂର୍ବର ସ୍ଥିତି ଭାବରେ ହେଉ କିମ୍ବା ଯକ୍ଷ୍ମାର ପରିଣାମ ଭାବରେ ଏକ ବୃହତ ଧରଣର ଅଧ୍ୟୟନ କରାଯାଇଅଛି । ଏହି ବିଚ୍ଛେଦକୁ ବୁଝିବା ଦିଗରେ ପ୍ରଥମ ପଦକ୍ଷେପ ଭାବରେ ୟୁ.ଏସ୍.ଏଡ୍‌ର ସହଯୋଗରେ ଆଲାଇଜ୍ ପ୍ରୋଜେକ୍ଟ ମାଧ୍ୟମରେ ରିଚ ଦ୍ୱାରା ଏକ ପ୍ୟାନ୍ ଇଣ୍ଡିଆ ଦ୍ୱରିତ ମୂଲ୍ୟାଙ୍କନ କରାଯାଇଥିଲା । ଏହା ତିନୋଟି ମୁଖ୍ୟ ଦିଗ ଉପରେ ଧ୍ୟାନ ଦେଇଥିଲା ।

- ଯକ୍ଷ୍ମା ପ୍ରଭାବର ପରିଣାମ ସ୍ୱରୂପ ଭିନ୍ନକ୍ଷମତା (ସ୍ୱଳ୍ପ ଏବଂ ଦୀର୍ଘକାଳୀନ)
- ଯକ୍ଷ୍ମାର ଯତ୍ନ ସ୍ତରରେ ଭିନ୍ନକ୍ଷମତା କିପରି ଅନ୍ତର୍ଭୁକ୍ତ ହୋଇଥାଏ ଏବଂ କିପରି ପ୍ରଭାବ ପକାଇଥାଏ ।
- ଯକ୍ଷ୍ମା ସେବା ଗୁଡ଼ିକ ଉପଲବ୍ଧ କରିବାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଆହ୍ୱାନ

ମୂଲ୍ୟାଙ୍କନର ଫଳାଫଳଗୁଡ଼ିକ ଯକ୍ଷ୍ମା ଏବଂ ଭିନ୍ନକ୍ଷମତା ମଧ୍ୟରେ ଥିବା ସମ୍ପର୍କ ଉପରେ ଅଧିକ ଧ୍ୟାନ ଦେବାର ଜରୁରୀ ଆବଶ୍ୟକତାକୁ ସୂଚୀତ କରିଛି । ପାଠକମାନଙ୍କୁ ଭାରତରେ ଯକ୍ଷ୍ମା ଏବଂ ଭିନ୍ନକ୍ଷମତାର ଅନ୍ତଃସମ୍ବନ୍ଧକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ସଂକ୍ଷିପ୍ତ ବିବରଣୀ ବିକଶିତ କରାଯାଇଛି ।

### ଭିନ୍ନକ୍ଷମତା କ'ଣ ?

ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କ ଅଧିକାର ଆଇନ୍, ୨୦୧୬ ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କୁ ଦୀର୍ଘକାଳୀନ ଶାରୀରିକ, ମାନସିକ, ବୌଦ୍ଧିକ କିମ୍ବା ସମ୍ବେଦନଶୀଳ ଦୁର୍ବଳତା ଭାବରେ ବ୍ୟାଖ୍ୟା କରେ ଯାହା ପାରସ୍ପରିକ କାର୍ଯ୍ୟରେ ପ୍ରତିବନ୍ଧକ ସହିତ, ଅନ୍ୟମାନଙ୍କ ସହିତ ସମାଜରେ ସେମାନଙ୍କର ପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଅଂଶଗ୍ରହଣରେ ବାଧା ସୃଷ୍ଟି କରେ ।

ସାଧାରଣତଃ ଭିନ୍ନକ୍ଷମମାନେ ଭାରତର ବହୁ ଦଳିତ ଗୋଷ୍ଠୀ ମଧ୍ୟରେ ରହିଥାନ୍ତି । ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ପରିଣାମ ଖରାପ ରହିଥାଏ ।

ଯକ୍ଷ୍ମା ଏବଂ ଉଚ୍ଚମାନର ଯକ୍ଷ୍ମାଜନିତ ସେବା ବିଷୟରେ ସଠିକ୍ ସୂଚନା ପାଇବାକୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ଏକ ଜରୁରୀ ପଦକ୍ଷେପ ।



### ଯକ୍ଷ୍ମା-ଭିନ୍ନକ୍ଷମତା ସଂଯୋଗ କ'ଣ ?

**ଏକ ଦୁଇ ତରଫା ଅନ୍ତଃସମ୍ବନ୍ଧ**

କ. ଜଣେ ବ୍ୟକ୍ତିର ଭିନ୍ନକ୍ଷମତା ଯକ୍ଷ୍ମା ପ୍ରତି ସେମାନଙ୍କର ଦୁର୍ବଳତା ବଢ଼ାଇପାରେ ଏବଂ ଯକ୍ଷ୍ମା ସେବାରେ ଉପଲବ୍ଧତାକୁ ଅଧିକ କଷ୍ଟସାଧ କରିପାରେ । ବିଦ୍ୟମାନ ହୋଇଥିବା ଭିନ୍ନକ୍ଷମତା, ଯକ୍ଷ୍ମାର ଲକ୍ଷଣଗୁଡ଼ିକୁ ଲୁଚାଇପାରେ ଏବଂ ଏହାର ଫଳାଫଳ ସ୍ୱରୂପ ଚିହ୍ନଟିକରଣରେ ବିଳମ୍ବ ହୋଇପାରେ ।

ଖ. କୌଣସି ବ୍ୟକ୍ତିଙ୍କ ମଧ୍ୟରେ ଯକ୍ଷ୍ମାର ଚିକିତ୍ସା ସମୟରେ କିମ୍ବା ଏହାର ଫଳାଫଳ ସ୍ୱରୂପ ଭିନ୍ନକ୍ଷମତା – କିମ୍ବା ଏକାଧିକ ଭିନ୍ନକ୍ଷମତା– ବିକଶିତ ହୋଇପାରେ, ଯାହାର ଅର୍ଥ ହୋଇପାରେ କି ଯକ୍ଷ୍ମାରୁ ଆରୋଗ୍ୟ ହେବା ସତ୍ତ୍ୱେ ଜଣେ ବ୍ୟକ୍ତି ଜୀବନସାରା ଭିନ୍ନକ୍ଷମତା ସହିତ ବଞ୍ଚିବାର ସମ୍ଭାବନା ଥାଏ ।



**ଯକ୍ଷ୍ମା ଏବଂ ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କ ଯାତ୍ରାରେ ଏକାଧିକ ପରିସ୍ଥିତି:**

- ଯେଉଁଠାରେ ଜଣେ ବ୍ୟକ୍ତି ଭିନ୍ନକ୍ଷମତା ସହ ଯକ୍ଷ୍ମା ଯତ୍ନରେ ପ୍ରବେଶ କରିଥାଏ ଏବଂ ସେହି ଭିନ୍ନକ୍ଷମତା ସହିତ ବଞ୍ଚିଥାଏ କିମ୍ବା ଅନ୍ୟ ଏକ ନୂତନ ଭିନ୍ନକ୍ଷମତା ପ୍ରାପ୍ତି ହୋଇଥାଏ ।
- ଯେଉଁଠାରେ ଯକ୍ଷ୍ମାର ଚିକିତ୍ସା ସମୟରେ ପ୍ରାପ୍ତି ହୋଇଥିବା ଭିନ୍ନକ୍ଷମତା ଔଷଧ ବନ୍ଦ କରିବା କିମ୍ବା ଚିକିତ୍ସା ବ୍ୟବସ୍ଥାରେ ପରିବର୍ତ୍ତନ ଯୋଗୁଁ ଠିକ୍ ହୋଇଥାଏ ।
- ଯେଉଁଠାରେ ଚିକିତ୍ସା ସମୟରେ ଭିନ୍ନକ୍ଷମତା ଆଜୀବନ କିମ୍ବା ସ୍ଥାୟୀ ଭିନ୍ନକ୍ଷମତା ରୂପେ ରହିଥାଏ ।

### ଯକ୍ଷ୍ମାର ପରିଣାମ ଭାବରେ ସାଧାରଣ ଭିନ୍ନକ୍ଷମତା

ଜଣେ ବ୍ୟକ୍ତି ଯକ୍ଷ୍ମା ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ସମ୍ଭବ କିନ୍ତୁ ଭିନ୍ନକ୍ଷମତାର ବିକାଶ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସହିତ ବଞ୍ଚିଥାଏ । ଶ୍ୱାସକ୍ରିୟା, ମାଂସପେଶୀ-ହାଡ଼, ଶ୍ରବଣ, ଦୃଶ୍ୟ, ବୃକକ୍ ଏବଂ ସ୍ନାୟୁଗତ ଦୁର୍ବଳତା ଏବଂ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସାଧାରଣତଃ ଯକ୍ଷ୍ମା ପରେ ହୋଇଥାଏ । ଫୁସ୍‌ଫୁସ୍ ଭିନ୍ନକ୍ଷମତା ଯକ୍ଷ୍ମାରୁ ସୃଷ୍ଟି ହେଉଥିବା ସବୁଠାରୁ ସାଧାରଣ ଏବଂ ସବୁଠାରୁ ଗୁରୁତର ଭିନ୍ନକ୍ଷମତା ଅଟେ । ଏହି ରୋଗର ଅନ୍ୟାନ୍ୟ ପ୍ରଭାବ ସ୍ୱରୂପ ଏମ୍ଫାଇମା ଏବଂ ଫୁସ୍‌ଫୁସ୍ ଫାଇବ୍ରୋସିସ୍, ଦୋହରା ଦୃଷ୍ଟି, ବାତ ଇତ୍ୟାଦି ଦେଖାଯାଇଥାଏ । ଯକ୍ଷ୍ମା ମଧ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜୀବନର ଗୁଣବତ୍ତା ଉପରେ ପ୍ରଭାବ ପକାଇଥାଏ ।




## ଯକ୍ଷ୍ମା ଏବଂ ଭିନ୍ନକ୍ଷମତା ଏକ ଅନ୍ତଃବିଭାଗୀୟ ଦୃଷ୍ଟି

ଅନେକ କାରଣ ଜଣେ ବ୍ୟକ୍ତିଙ୍କୁ ଅସୁରକ୍ଷିତ ଏବଂ ଯକ୍ଷ୍ମା ରୋଗ ପାଇଁ ସନ୍ଦେହଜନକ କରିଥାଏ । ଯକ୍ଷ୍ମା କାରଣରୁ ଜଣେ ବ୍ୟକ୍ତିଙ୍କର ଭିନ୍ନକ୍ଷମତା ଦେଖା ଦେଲେ ଜଣେ ବ୍ୟକ୍ତିର ଗୁଣାତ୍ମକ ଜୀବନ ନିର୍ଣ୍ଣୟ କରିବାରେ ଅନ୍ତଃବିଭାଗୀୟ ଦୁର୍ବଳତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

### ପୂର୍ବ-ନିରାକରଣ – ସ୍ୱାସ୍ଥ୍ୟ ନିର୍ଦ୍ଧାରକ

**ଯକ୍ଷ୍ମାର ଅସମାନୁପାତିକ ପ୍ରଭାବ:** ନିମ୍ନ ସାମାଜିକ ଅର୍ଥନୈତିକ ପୃଷ୍ଠଭୂମିରୁ ଆସୁଥିବା ଲୋକଙ୍କୁ ଯକ୍ଷ୍ମା ପ୍ରଭାବିତ କରେ । ବହୁମୁଖୀ ଗରିବ ଜନସଂଖ୍ୟା କ୍ଷେତ୍ରରେ ଯକ୍ଷ୍ମା ରୋଗ ହେବାର ସମ୍ଭାବନା ୧.୮୨ ଗୁଣ ଅଧିକ ।

**ସହ-ଅସୁସ୍ଥତା:** ଯକ୍ଷ୍ମା ହେବା ସମୟରେ ସହ-ଅସୁସ୍ଥତା ସିଧାସଳଖ ପ୍ରଭାବ ପକାଇପାରେ ।

**ଭିନ୍ନକ୍ଷମତା ସ୍ଥିତି:** ବିଦ୍ୟମାନ ଭିନ୍ନକ୍ଷମତାର ପରିଣାମସ୍ୱରୂପ ଯକ୍ଷ୍ମା ହେବାର ସମ୍ଭାବନା ଅଧିକ ହୋଇଥାଏ ।

### ଚିହ୍ନଟ ଏବଂ ଚିହ୍ନଟ ଏବଂ ନିଦାନ

**ଭିନ୍ନକ୍ଷମ ଏବଂ ଯକ୍ଷ୍ମା ରୋଗ ନିର୍ଣ୍ଣୟ:** ଭିନ୍ନକ୍ଷମ ଲୋକମାନେ ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଦୃଶ୍ୟମାନ ହୁଅନ୍ତି ନାହିଁ ଏବଂ ସେଥିପାଇଁ ଯକ୍ଷ୍ମା ଯତ୍ନରେ ଭିନ୍ନକ୍ଷମତା ନଥିବା ଲୋକମାନଙ୍କ ତୁଳନାରେ ନିଦାନ ପର୍ଯ୍ୟାୟ ସେମାନଙ୍କ ପାଇଁ ଅତିରିକ୍ତ ଆହ୍ୱାନ ସୃଷ୍ଟି କରେ । ବିଳମ୍ବିତ ନିଦାନ ଔଷଧ-ପ୍ରତିରୋଧକ ଯକ୍ଷ୍ମା (ଡି.ଆର୍.ଟି.ବି) ହେବାର ସମ୍ଭାବନା ବଢ଼ାଇପାରେ ।

### ଚିକିତ୍ସା ଏବଂ ଯତ୍ନ

**ଔଷଧ ଦ୍ୱାରା ଉପୁଜୁଥିବା ଭିନ୍ନକ୍ଷମତା:** କେତେକ ଯକ୍ଷ୍ମା ବିରୋଧି ଔଷଧ ବିଷାକ୍ତତାର କାରଣ ହୋଇପାରେ, ବିଶେଷ କରି ଡି.ଆର୍.ଟି.ବି. ଥିବା ଲୋକମାନଙ୍କ କ୍ଷେତ୍ରରେ, ଯକ୍ଷ୍ମାର ଔଷଧ ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟା ସାଧାରଣତଃ ହୋଇଥାଏ, ଯାହା ସମାଧାନ ଯୋଗ୍ୟ ଏବଂ ଦୀର୍ଘକାଳୀନ ଭିନ୍ନକ୍ଷମତାକୁ ଆଣେ ନାହିଁ । ତଥାପି, ଦ୍ୱିତୀୟ ସୋପାନ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଦୀର୍ଘକାଳୀନ ପ୍ରଭାବ ସହିତ ଅଧିକ ଗମ୍ଭୀର ହୋଇପାରେ ।

### ଯକ୍ଷ୍ମା ଏବଂ ଯକ୍ଷ୍ମା ସମ୍ବନ୍ଧୀୟ ଭିନ୍ନକ୍ଷମତାର ଆର୍ଥିକ ପ୍ରଭାବ

**ପରିବାର ପାଇଁ ବର୍ଦ୍ଧିତ ଖର୍ଚ୍ଚ:** ଯକ୍ଷ୍ମାରେ ପୀଡ଼ିତ ଲୋକମାନଙ୍କୁ କିଛି ନିଜ ହାତରୁ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏହା ସହିତ ଯଦି ଲୋକମାନଙ୍କ ମଧ୍ୟରେ ଭିନ୍ନକ୍ଷମତା ଦେଖାଯାଏ, ତେବେ ସହାୟକ ଉପକରଣ କିମ୍ବା ଅନ୍ୟାନ୍ୟ ଉପକରଣର ମୂଲ୍ୟ ଦ୍ୱାରା ଏହା ବୃଦ୍ଧି ହୋଇଥାଏ । ଏହା ସହିତ, କାର୍ଯ୍ୟ ହରାଇବା ଆର୍ଥିକ ଅସୁବିଧାକୁ ବଢ଼ାଇଥାଏ ।

## ଯକ୍ଷ୍ମା ହେବାର ପରବର୍ତ୍ତୀ ଜୀବନ

**ଶାରୀରିକ ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବ:** ଭିନ୍ନକ୍ଷମତାର ଅନୁଭବ ସାମାଜିକ ଆର୍ଥିକ ସ୍ଥିତି, ରୋଜଗାରର ପ୍ରକାର ଭେଦ ଏବଂ ବୟସର ଆଧାରରେ ଭିନ୍ନ ହୋଇଥାଏ । ଯକ୍ଷ୍ମା ରୋଗୀମାନେ ଆଜୀବନ ଭିନ୍ନକ୍ଷମତାର ଶିକାର ହୁଅନ୍ତି ଏବଂ ସହ-ଅସୁସ୍ଥତା ମଧ୍ୟ ଲାଗି ରହେ ।

**ଶାରୀରିକ ପୁନଃଥଇଥାନର ଆବଶ୍ୟକତା:** ଦୀର୍ଘକାଳୀନ ପ୍ରଭାବ ଏବଂ ଯକ୍ଷ୍ମା ରୋଗର ମୁକାବିଲା ପାଇଁ ପୁନଃ ଥଇଥାନ ଆବଶ୍ୟକ, ଯାହାକି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଭିତରେ ତଥା ବାହାରେ ଅନ୍ୟ ବିଭାଗ ଏବଂ କାର୍ଯ୍ୟକ୍ରମ ସହିତ ଦୃଢ଼ ସହଭାଗିତା ଆବଶ୍ୟକ କରେ ।

**ଭିନ୍ନକ୍ଷମତା ପାଇଁ ବ୍ୟାପକ ପରାମର୍ଶର ଆବଶ୍ୟକତା:** ଯକ୍ଷ୍ମା ରୋଗୀମାନଙ୍କୁ ଭିନ୍ନକ୍ଷମତା ସହ ମୁକାବିଲା କରିବା ପାଇଁ ସାଥୀ ସମର୍ଥନ, ବୃତ୍ତିଗତ ପୁନଃଥଇଥାନ ଏବଂ ଜୀବିକାଭିତ୍ତିକ ପ୍ରଶିକ୍ଷଣ ନିହାତି ଜରୁରୀ । ଯକ୍ଷ୍ମା ହେତୁ ଯେଉଁମାନେ ବୟୋଜ୍ୟେଷ୍ଠ ଏବଂ ସେମାନଙ୍କର ପରିବାର ଦ୍ୱାରା ପରିତ୍ୟକ୍ତ ହୋଇଥାନ୍ତି, ସେମାନଙ୍କ ପାଇଁ ଏହା ବିଶେଷ ଆବଶ୍ୟକ ।

**ମାନସିକ ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବ:** ଯକ୍ଷ୍ମା ଚିକିତ୍ସା ସମାପ୍ତ ହେବା ପରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ରହିଥାଏ । ଯଦିଓ ଚିକିତ୍ସା ପର୍ଯ୍ୟାୟରେ ଯକ୍ଷ୍ମା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ, ତଥାପି ଏହା ଧ୍ୟାନରେ ରଖିବାକୁ ପଡ଼ିବ ଯେ ଅନେକ କିଛି ଆହ୍ୱାନର ସମ୍ମୁଖୀନ ହେବା ପରେ ଯକ୍ଷ୍ମାରୁ ଆରୋଗ୍ୟଲାଭ କରିଥିବା ବ୍ୟକ୍ତିମାନେ ମଧ୍ୟ ସ୍ଥିରତାର ବିକାଶ କରିଥାନ୍ତି ।

**ଯକ୍ଷ୍ମା ଏବଂ ଭିନ୍ନକ୍ଷମତା ଯୋଗୁଁ ଲିଙ୍ଗଗତ କଳଙ୍କ:** ଯକ୍ଷ୍ମାରୁ ଆରୋଗ୍ୟଲାଭ କରିଥିବା ମହିଳା ବିଶେଷ କରି ଭିନ୍ନକ୍ଷମ, ଚିକିତ୍ସା ସମାପ୍ତ ହେବାର ବହୁତ ଦିନ ପରେ ମଧ୍ୟ କଳଙ୍କର ସମ୍ମୁଖୀନ ହୋଇଥାନ୍ତି ।

**ଅର୍ଥନୈତିକ ସ୍ୱାସ୍ଥ୍ୟ ଉପରେ ଦୀର୍ଘମିଆଦୀ ପ୍ରଭାବ:** ଯକ୍ଷ୍ମାରୁ ଆରୋଗ୍ୟଲାଭ କରିଥିବା ଲୋକମାନଙ୍କୁ ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଭିନ୍ନକ୍ଷମତାର ଶିକାର ହେବାକୁ ପଡ଼ିଥାଏ ଯାହା ଚିକିତ୍ସା ପାଇଁ ମହଙ୍ଗା ପଡ଼ିଥାଏ ଏବଂ ଫଳସ୍ୱରୂପ, ଅନେକ ଯକ୍ଷ୍ମା ରୋଗୀ ଏହି ରୋଗରୁ ଆରୋଗ୍ୟ ହେବା ପରେ ବର୍ଦ୍ଧିତ ଖର୍ଚ୍ଚର ସମ୍ମୁଖୀନ ହୋଇଥାନ୍ତି ।

**ପୁନଃ ସଂକ୍ରମଣ ହେବାର ସମ୍ଭାବନା:** ଯକ୍ଷ୍ମା ରୋଗରୁ ଆରୋଗ୍ୟ ହେବା ପରେ ଲୋକମାନଙ୍କର ଦୁର୍ବଳ ପ୍ରତିରୋଧକ ଶକ୍ତି ଏବଂ ଯକ୍ଷ୍ମା ପରବର୍ତ୍ତୀ ପରିଣାମର ବିକାଶ ହେବାର ପ୍ରବୃତ୍ତି ରହିଥାଏ ଏବଂ ଯକ୍ଷ୍ମା ଦ୍ୱାରା ପୁନଃ-ସଂକ୍ରମିତ ହୁଅନ୍ତି ।

## ମୁଖ୍ୟ ପରାମର୍ଶସମୂହ



### କ୍ରସ୍ କଟିଙ୍ଗ କାର୍ଯ୍ୟକ୍ରମ ସୁପାରିଶ

- ଯକ୍ଷ୍ମା ପ୍ରତିକ୍ରିୟାର ସମସ୍ତ ଦିଗରେ ଭିନ୍ନକ୍ଷମତା ଉପରେ ଧ୍ୟାନ ଆଣିବା
- ଯକ୍ଷ୍ମା ରୋଗରେ ଆକ୍ରାନ୍ତ ଭିନ୍ନକ୍ଷମତା ଥିବା ଲୋକମାନଙ୍କୁ ବ୍ୟକ୍ତି କୈନ୍ଦ୍ରିକ ଯତ୍ନକୁ ପ୍ରାଥମିକତା ଦେବା
- ଭିନ୍ନକ୍ଷମତା ଥିବା ଲୋକମାନଙ୍କ ପାଇଁ ସେହି ବିଶେଷ ଉପାୟଗୁଡ଼ିକୁ ସମ୍ବୋଧିତ କରିବା ପାଇଁ ମାଇକ୍ରୋ ପ୍ଲାନିଂ ସୁନିଶ୍ଚିତ କରାଇବା, ଯେଉଁଥିରେ ଏହି ରୋଗ ସେମାନଙ୍କୁ ପ୍ରଭାବିତ କରିଥାଏ ।
- ଭିନ୍ନକ୍ଷମତା ଥିବା ଲୋକମାନଙ୍କୁ ପ୍ରଭାବୀ ଯତ୍ନ ଏବଂ ସହାୟତା ଯୋଗାଇବାପାଇଁ  ଗୋଷ୍ଠୀ ଏବଂ ନାଗରିକ ସମାଜକୁ ନିୟୋଜିତ କରିବା ।



### ନିଦାନ ଏବଂ ଚିକିତ୍ସା ସମ୍ବନ୍ଧୀୟ ସୁପାରିଶ

- ନି-କ୍ଷୟରେ ଭିନ୍ନକ୍ଷମତାକୁ ଏକ ବ୍ୟକ୍ତି ସ୍ତରୀୟ ପରିବର୍ତ୍ତନ ଭାବେ ଅନ୍ତର୍ଭୁକ୍ତ କରିବା ।
- ନିଦାନ ବିଳମ୍ୱତାକୁ ହ୍ରାସ କରିବା ଏବଂ ଭିନ୍ନକ୍ଷମତା ଥିବା ଲୋକଙ୍କ ମଧ୍ୟରେ ସକ୍ରିୟ ରୋଗ ଚିହ୍ନଟକୁ ସୁନିଶ୍ଚିତ କରିବା ।
- ପ୍ରତିକୂଳ ଔଷଧ ପ୍ରତିକ୍ରିୟା (ଏ.ଡି.ଆର୍) ଏବଂ ପାର୍ଶ୍ୱ ପ୍ରତିକ୍ରିୟା ଚିହ୍ନଟ କରିବା ପାଇଁ ଏକ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା ପ୍ରତିଷ୍ଠା କରିବା ।
- ଯକ୍ଷ୍ମା ସମ୍ବନ୍ଧୀୟ ଜଟିଳତାକୁ ଦୂର କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ବିକାଶ ଏବଂ ବିସ୍ତାର କରିବା ।
- ବ୍ୟକ୍ତିକୈନ୍ଦ୍ରିକ ଯତ୍ନ ମାଧ୍ୟମରେ ଚିକିତ୍ସା ଉପରେ ଲୋକଙ୍କ ପାଇଁ ପାର୍ଶ୍ୱ ପ୍ରତିକ୍ରିୟାର ପ୍ରଭାବ ଉପରେ ନଜର ରଖିବା ଏବଂ କମ୍ କରିବା ।
- ସମସ୍ତ ଲୋକଙ୍କୁ ଏବଂ ସେମାନଙ୍କର ପରିବାରକୁ ଚିକିତ୍ସା ସମ୍ବନ୍ଧୀୟ ଶିକ୍ଷା ସୁନିଶ୍ଚିତ କରାଇବା ।

## ମୁଖ୍ୟ ସୁପାରିଶ ସମୂହ

### ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଏବଂ ସାମାଜିକ-ଅର୍ଥନୈତିକ ପରିମାପକ

- ଯକ୍ଷ୍ମା ରୋଗୀ ଏବଂ ସେମାନଙ୍କର ପରିବାରର ଶାରୀରିକ, ମାନସିକ, ସାମାଜିକ ଏବଂ ଅର୍ଥନୈତିକ ଆବଶ୍ୟକତାକୁ ସମାଧାନ କରିବା ପାଇଁ ଉନ୍ନତ ପରାମର୍ଶ ସେବା ସୁନିଶ୍ଚିତ କରିବା ।
- ଭିନ୍ନକ୍ଷମ ବ୍ୟକ୍ତି ଯେଉଁମାନଙ୍କର ଯକ୍ଷ୍ମା ଚିହ୍ନଟ ହୋଇଛି ଏବଂ ସେମାନଙ୍କର ଯତ୍ନ ପ୍ରଦାନକାରୀ ମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ପରାମର୍ଶ ମଡ୍ୟୁଲର ବିକାଶ କରିବା ।
- ଯକ୍ଷ୍ମା ସହିତ ଜଡ଼ିତ କଳଙ୍କ ଏବଂ ଭେଦଭାବକୁ ଶେଷ କରିବା ପାଇଁ ଏବଂ ପରିବାର ସଦସ୍ୟ ଏବଂ ଯତ୍ନ ପ୍ରଦାନକାରୀମାନଙ୍କୁ ସଠିକ୍ ଭାବରେ ସଚେତନ କରିବା ପାଇଁ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ (ଏନ୍.ଟି.ଇ.ପି.) ର କୌଶଳର ପ୍ରଭାବୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ।
- ଯକ୍ଷ୍ମା ଚିକିତ୍ସା ପାଇଁ ଭିନ୍ନକ୍ଷମତା ଥିବା ଲୋକମାନଙ୍କ ପାଇଁ ପୁଷ୍ଟିକର ସହାୟତା ବିତରଣକୁ ମଜବୁତ କରିବା
- ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସେମାନଙ୍କର ବିଶ୍ୱାସକୁ ବଢ଼ାଇବା ପାଇଁ ସକ୍ରିୟ ପ୍ରସାରଣ କରିବା ଏବଂ ଭିନ୍ନକ୍ଷମ ମାନଙ୍କୁ ସଶକ୍ତ କରାଇବା ।

### ଯକ୍ଷ୍ମାର ପରବର୍ତ୍ତୀ ଜୀବନ

- ଯକ୍ଷ୍ମାରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିବିଶେଷ, ଭିନ୍ନକ୍ଷମତା ଥିବା ବ୍ୟକ୍ତିବିଶେଷ ଏବଂ ଯେଉଁମାନେ ଅଳ୍ପ କିଛି ଦିନ ତଳେ ଯକ୍ଷ୍ମା କାରଣରୁ ଭିନ୍ନକ୍ଷମତା ହାସଲ କରିଛନ୍ତି, ସେମାନଙ୍କ ପାଇଁ ଏକ ଦୃଢ଼ ପରବର୍ତ୍ତୀ ଚିକିତ୍ସା ଅନୁସରଣ ପ୍ରଣାଳୀର ଅନୁଷ୍ଠାନିକରଣ କରିବା ।
- ଚିକିତ୍ସା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଭିନ୍ନକ୍ଷମମାନଙ୍କର ଚିହ୍ନଟ ଏବଂ ବର୍ଗୀକରଣକୁ ଅନ୍ତର୍ଭୁକ୍ତ କରିବା ।
- ଚିକିତ୍ସା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ତାଲିମପ୍ରାପ୍ତ ଯକ୍ଷ୍ମାରୁ ଆରୋଗ୍ୟ ଲାଭ କରିଥିବା ଲୋକଙ୍କୁ ନିୟୋଜିତ କରିବା ଏବଂ ଜଣ ଜଣଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଏବଂ ସମର୍ଥନ ଦଳ ମାଧ୍ୟମରେ ସାଥୀ ସମର୍ଥନ ଏବଂ ପରାମର୍ଶ ପ୍ରଦାନ କରିବା ।
- ଶାରୀରିକ ପୁନଃଥଇଥାନ କାର୍ଯ୍ୟକ୍ରମ ଏବଂ କେନ୍ଦ୍ର ଗୁଡ଼ିକର ବିକାଶ ଏବଂ ଉପଲବ୍ଧ କରାଇବା ଏବଂ ବିଦ୍ୟମାନ ଥିବା ପୁନଃଥଇଥାନ କେନ୍ଦ୍ରଗୁଡ଼ିକ ସହ ସଂଯୋଗ ସ୍ଥାପନ କରିବା ।
- ଫିଜିଓଥେରାପି ସେବା ଜୀବିକା ଭିତ୍ତିକ ତାଲିମ୍ ସହିତ ଯକ୍ଷ୍ମାରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ପାଇଁ ବୃତ୍ତିଗତ ପୁନଃଥଇଥାନ କୁ ପରିଚିତ କରାଇବା ।
- ଭିନ୍ନକ୍ଷମତା ଥିବା ଯକ୍ଷ୍ମା ଆରୋଗ୍ୟ ଲୋକମାନଙ୍କ ପାଇଁ ଲଗାତାର ଭାବେ ପୋଷଣ ସହାୟତାର ଉପଲବ୍ଧତାକୁ ସୁନିଶ୍ଚିତ କରିବା ।
- ଭିନ୍ନକ୍ଷମତା ସହାୟତା ଯୋଜନାଗୁଡ଼ିକର ପ୍ରବେଶ ଏବଂ ଉପଲବ୍ଧତାକୁ ବିସ୍ତାର କରିବା ।






REACH Equitable Health for All

**Resource Group for Education and Advocacy for Community Health (REACH)**
No. 194, 1st Floor, Avvai Shanmugam Salai Lane,
Lloyds Road, Royapettah, Chennai – 600014
Phone: 044-45565445 / 28132099

**Email**: support@reachindia.org.in
**Media Related Queries**: media@reachindia.org.in

www.reachindia.org.in    @Speaktb    @SPEAKTB    @REACHSpeakTB

All photographs in this report that feature TB Champions and/or people with TB are used with full, informed consent.

*This document is made possible by the generous support of the American People through the United States Agency for International Development (USAID). The contents are the sole responsibility of REACH and do not necessarily reflect the views of USAID or the United States Government.*